





ଶଙ୍ଖ ଭବନରେ ବିଜେଡି ପକ୍ଷରୁ ଆୟୋଜିତ ମହିଳା ଦିବସରେ ଦଳର ସଭାପତି ନବୀନ ପଟ୍ଟନାୟକ

# ମହିଳାଙ୍କ ପାଇଁ ଦିନଟିଏ

ଭୁବନେଶ୍ୱର, ୮।୩(ସମିସ): ମହିଳାଙ୍କୁ ସାଧାରଣତଃ ଅବଳା ଦୁର୍ବଳା କରି ଆମ ସମାଜରେ ଚିତ୍ରଣ କରାଯାଇଛି। ଯେଉଁଥିପାଇଁ ଅଧିକାଂଶ ସମୟରେ ମହିଳା ନିର୍ଯାତିତ ଶୋଷିତ ହୋଇ ଆସିଛି। ଏପରିସ୍ଥଳେ ମହିଳାଙ୍କୁ ସଶକ୍ତ କରିବା ତଥା ସେ ନେଇ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ମହିଳା ଦିବସ ପାଳିତ ହୋଇଯାଇଛି। ରକ୍ତଦାନଠାରୁ ଆରମ୍ଭ କରି ସଚେତନତା ଏବଂ ଅନ୍ୟାନ୍ୟ ସଶକ୍ତୀକରଣ ନେଇ ବୈଠକ ଓ ଆଲୋଚନା କରାଯାଇଥିଲା।




## ■ ଏଆଇଏମ୍ଏସ୍ଏସ୍ ପକ୍ଷରୁ ନିଆରା ମହିଳା ଦିବସ
## 'ନାରୀଙ୍କୁ ନିରାପତ୍ତା ଦିଅ; ମଦ, ଅଶ୍ଳୀଳତା ବନ୍ଦ କର'

ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ଭୁବନେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ପକ୍ଷରୁ ୨-୮ ମାର୍ଚ୍ଚ ଏକ ସପ୍ତାହ ବ୍ୟାପୀ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ କ୍ୟାପିଟାଲ ହସ୍ପିଟାଲ ନିକଟସ୍ଥ ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖରେ ସଙ୍ଗଠନର କର୍ମକର୍ତ୍ତାମାନେ ଏହି ଦିବସଟିକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଆନ୍ତର୍ଜାତିକ ମହିଳା ଦିବସର ଇତିହାସ ସମ୍ପର୍କିତ ବ୍ୟାନର, ଦେଶ ବିଦେଶର ମହିୟସୀ ମହିଳାଙ୍କ ଫଟୋଚିତ୍ର ଓ ଉଦ୍ଧୃତି ପ୍ରଦର୍ଶନ ସହିତ ମଦ-ମାଦକ ଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ନାରୀର ନିରାପତ୍ତା ସୁନିଶ୍ଚିତ କରିବା, ଆଶା ଅଙ୍ଗନୱାଡି ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ଓ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ମହିଳା ଶ୍ରମିକଙ୍କ ନ୍ୟାଯ୍ୟ ଅଧିକାର ଓ ଦାବି ପୂରଣ କରିବା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକର ଦର ବୃଦ୍ଧି ନିୟନ୍ତ୍ରଣ କରିବା ଇତ୍ୟାଦି ଦାବି ସମ୍ବଳିତ ପ୍ଲାକାର୍ଡ ପ୍ରଦର୍ଶନ କରାଯାଇ ଥିଲା। ଏହା ସହିତ ପ୍ରଗତିଶୀଳ ସଙ୍ଗୀତ ଗାନ, କବିତା ଆବୃତ୍ତି କାର୍ଯ୍ୟକ୍ରମ ମଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାରୀ ମୁକ୍ତି ସମ୍ପର୍କିତ ପୁସ୍ତକ ଥିବା ଏକ ବୁକ୍ ଷ୍ଟଲ୍ ମଧ ଥିଲା। ସଙ୍ଗଠନର ଉପସଭାନେତ୍ରୀ ତଥା ରମାଦେବୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପିକା ନିୟତି ଜାନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ସଭାନେତ୍ରୀ ବିଜୟଲକ୍ଷ୍ମୀ ପାତ୍ର, ଉପସଭାନେତ୍ରୀ ପ୍ରବାସିନୀ ରାଉଳ, ଶୁଭ୍ରାଶ୍ରୀ ଦାସ, ସମ୍ପାଦିକା ପ୍ରଭାମଞ୍ଜୁଳା ବ୍ରହ୍ମ ପ୍ରମୁଖ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଶିଖରଚଣ୍ଡୀରେ ମହିଳା ଦିବସ ଉଦ୍‌ଯାପିତ

ଅମୃତ ଧାରା ଟ୍ରଷ୍ଟ ଦ୍ୱାରା ୮ ମାର୍ଚ୍ଚ ୨୦୨୬ ସନ୍ଧ୍ୟା ୬.୩୦ରେ ଶିଖରଚଣ୍ଡୀ, ଭୁବନେଶ୍ୱରରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ଏହି ସଭାଟିକୁ ଅମୃତ ଧାରା ଟ୍ରଷ୍ଟର ସଚିବ ଡା. ଧରିତ୍ରୀ ମହାକୁର ସଂଚାଳନ କରିଥିଲେ। ସଭାରେ ଏହି ବର୍ଷର ଆନ୍ତର୍ଜାତୀୟ ମହିଳା ଦିବସର ଥିମ୍ ରାଇଟ୍ ଜଷ୍ଟିସ୍, ଆକ୍ସନ ଫର୍ ଅଲ୍ ଓମେନ୍ ଆଣ୍ଡ ଗର୍ଲ' ଉପରେ ଆଲୋଚନା ହୋଇଥିଲା। ନାରୀ ସଶକ୍ତୀକରଣ, ଲିଙ୍ଗ ସମାନତା ଏବଂ ମହିଳାମାନଙ୍କର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ବିଷୟରେ ଚର୍ଚ୍ଚା କରାଯାଇଥିଲା। ଯୁବତୀମାନଙ୍କ ମଧ୍ୟରେ ସାନିଟାରି ପ୍ୟାଡ୍ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଗିଭ୍ ଟୁ ଗେନ୍ ସନ୍ଦେଶ ମାଧମରେ ସହଯୋଗ, ସମାନତା ଓ ସମ୍ବେଦନାର ମୂଲ୍ୟ ଉପରେ ଜୋର ଦିଆଯାଇଥିଲା।



## ଗଡ଼ଶ୍ରୀରାମପୁର ବିଜେଡି କାର୍ଯ୍ୟାଳୟରେ ମହିଳା ଦିବସ



**ହଂସପାଳ:** ଜୟଦେବ ନିର୍ବାଚନ ମଣ୍ଡଳୀସ୍ଥିତ ଗଡ ଶ୍ରୀରାମପୁର ବିଜେଡି କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଅଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଏବଂ ସମ୍ମାନୀୟ ଅତିଥି ଭାବେ ଆମ ସଂଗଠନ ସଭାପତି କୋମଳ କୁମାର ପାତ୍ର ଯୋଗଦେଇ ମହିଳା ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଆଜିର ଯୁଗରେ ସବୁ କ୍ଷେତ୍ରରେ ମହିଳାମାନେ ଆଗକୁ ବଢ଼ିଲେଣି। ଚାଷ କାମ ଠାରୁ ଆରମ୍ଭ କରି ମହାକାଶ ଯାତ୍ରା ହେଉ କିମ୍ବା କ୍ରୀଡା, ବିଜ୍ଞାନ ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କଲେଣି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ୍ ଅଧକ୍ଷା ବାସନ୍ତୀ ଖଟୁଆ, ଉପାଧକ୍ଷା ଇତିଶ୍ରୀ ଜେନା, ସମସ୍ତ ଜିଲ୍ଲାପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ଦୁଇ ବ୍ଲକ୍ ବିଜେଡି ସଭାପତି, ପଞ୍ଚାୟତ ବିଜେଡି ସଭାପତି, ଛାତ୍ର, ଯୁବ ବିଜେଡି ସଭାପତି ଉପସ୍ଥିତ ଥିଲେ। ଏହି ଅବସରରେ ୧ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ସମସ୍ତ ମହିଳାଙ୍କୁ ବିଧାୟକଙ୍କ ପକ୍ଷରୁ ଗୋଲାପ ଫୁଲ ଓ ଶାଢ଼ି ବଣ୍ଟନ କରାଯାଇଥିଲା। ବ୍ରହ୍ମଲାଭ ହରିଚନ୍ଦନ, ପପୁ ରାଉତରାୟ, ରାଜେଶ ହୋତା, ନିରଞ୍ଜନ ବେହେରା, ବିଜୁ ମୁଦୁଲି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## 'ସମ୍ପୂର୍ଣ୍ଣା'ରେ ଝୁମିଲେ ଦର୍ଶକ

ବିଏମ୍‌ସି ପକ୍ଷରୁ ମହିଳା ଦିବସ ଅବସରରେ ଆୟୋଜିତ ସମ୍ପୂର୍ଣ୍ଣାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସଙ୍ଗୀତର ତାଳେ ତାଳେ ଝୁମିଲେ ଦର୍ଶକ। ଜୟଶ୍ରୀ ଧଳ, ଅସୀମା ପଣ୍ଡାଙ୍କ ସୁମଧୁର କଣ୍ଠରୁ ଭାସି ଆସୁଥିବା ଗୀତଗୁଡ଼ିକ ଦର୍ଶକଙ୍କୁ ବେଶ ମତୁଆଲା କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମେୟର ସୁଲୋଚନା ଦାସ, ଅନ୍ୟତମ ଅତିଥି ଭାବେ ଡେପୁଟି ମେୟର ମଞ୍ଜୁଳତା କହ୍ନର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଭାରତୀୟ ମହିଳା ଫୁଟବଲ ତାରକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, କମିଶନର ଚଞ୍ଚଳ ରାଣା, ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ଏବଂ କର୍ପୋରେଟର ମାନେ ରହିଥିଲେ। ମହିଳାଙ୍କ କ୍ଷେତ୍ରରେ ଦେଖାଦେଉଥିବା ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଆମେ ସେମାନଙ୍କର ବିକାଶର ଆଜି ଦେଖିପାରୁଛନ୍ତି। ଏହା କେବଳ ସେହି ନାରୀ ଶକ୍ତିର ଉର୍ଜା, ବୋଲି ମେୟର କହିଥିଲେ।

## ଓୟୁଟିଆର୍‌ରେ ମହିଳା ଦିବସ

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ରେ ଜାତୀୟ ସେବା ଯୋଜନା (ଏନଏସଏସ୍) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ସମାଜରେ ମହିଳାମାନଙ୍କ ଅବଦାନ, ସମ୍ମାନ ଓ ସଶକ୍ତୀକରଣ ଏବଂ ଅନ୍ତର୍ନିହିତ ଗୁଣର ଗୁରୁତ୍ୱକୁ ଉଜାଗର କରିବାକୁ କାର୍ଯ୍ୟକ୍ରମରେ ପ୍ରାଥମିକତା ଦିଆଯାଇଛି। ବିଶ୍ୱବିଦ୍ୟାଳୟର କୁଳସଚିବ ମୀରା



ବିଶ୍ୱବନ୍ଧ୍ୟା, ପିଜିଏସଆର ଡିନ୍ ଡ଼ ଅରୁଣା ତ୍ରିପାଠୀ, ଏନଏସଏସ୍ ପ୍ରୋଗ୍ରାମ ଅଫିସର୍ ଛବିରାଣୀ ଟୁଡୁ, ବିଷ୍ଣୁ ନାରାୟଣ ମହାପାତ୍ର ଓ ଲାଲବହାଦୁର ମାଝୀ, ଅଧ୍ୟାପକ ଜିତେନ୍ଦ୍ର ନାଇକ, ଅଧ୍ୟାପିକା ଟ୍ୱିଙ୍କଲ କିସ୍କୁ, ରୋସାଲିନ ଦଳାଇ ଏବଂ ବିଭିନ୍ନ ବିଭାଗର ଡିନ୍ ଓ ବିଭାଗୀୟ ମୁଖ୍ୟ ପ୍ରମୁଖ ଉପସ୍ଥିତ ରହି ସାମାଜିକ ସଶକ୍ତୀକରଣରେ ନାରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଛନ୍ତି। ଏହି ଅବସରରେ ଏନଏସଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସାମାଜିକ ସନ୍ଦେଶ ଭରା କାର୍ଯ୍ୟକ୍ରମ କରାଯାଇଛି।

## 'ସୃଜନୀକା' ପକ୍ଷରୁ ମହିଳା ଦିବସ



ସୃଜନିକା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୟୁନିଟ -୩ ସ୍ଥିତ ମା' ଭୁବନେଶ୍ୱରୀ ମନ୍ଦିର ହଲ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଡାକ୍ତର ଆରତୀ କର ଯୋଗ ଦେଇ ନାରୀ ସଶକ୍ତୀକରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ମହିଳା ସମାଜସେବୀ ସୁଶ୍ରୀ ଶୁଚିସ୍ମିତା ପୃଷ୍ଟି, ସମ୍ମାନିତ ଅତିଥି ଭାବେ ପ୍ରଦୋଷ ପଟ୍ଟନାୟକ, ରଞ୍ଜୁଲତା ରାୟ, ଅଯୋଧ୍ୟା ନାରାୟଣ ମହାନ୍ତି ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ଅନୁପମା ମହାପାତ୍ର ଏବଂ ସମ୍ପାଦିକା ପୂର୍ଣ୍ଣିମା ସାହୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶାନ୍ତା ରଥ ପରିଚାଳନା କରିଥିଲେ।(ରଞ୍ଜନା)

## 'ନାରୀର ସାମର୍ଥ୍ୟ ଓ ପରିସର' ଆଲୋଚନା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଛି। ଏହି ଅବସରରେ "ନାରୀର ସାମର୍ଥ୍ୟ ଓ ପରିସର' ବିଷୟକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଦେବପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ ରାଜଧାନୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ତଥା ଲେଖିକା ଡ. ଶକୁନ୍ତଳା ବଳିଆରସିଂ, ଆଇଆଇଟିଏମର ପ୍ରାଧ୍ୟାପକ ଡ. ଆଦ୍ୟାଶା ଦାସ, ଆଜିର ସୃଜନୀର ପ୍ରତିଷ୍ଠାତା ଡ. ସୁଜାତା ନନ୍ଦ, ସମାଜସେବୀ ନିହାରିକା ପଟ୍ଟନାୟକ, ଯୋଗ ଦେଇଥିବା ବେଳେ ସଂଗ୍ରହାଳୟର ଅକ୍ଷକ ଡ. ଭାରତୀ ପାଲ୍ ସଭାର ପରିଚାଳନା କରିଥିଲେ।

## ସ୍ୱଚ୍ଛତାର ବାର୍ତ୍ତା ନେଇ ଗଣଦୌଡ଼

ଭୁବନେଶ୍ୱର,୮।୩(ସମିସ): ବିଏମ୍‌ସି ପକ୍ଷରୁ ରବିବାର ସ୍ୱଚ୍ଛତାର ବାର୍ତ୍ତା ନେଇ ଅନ୍ତର୍ଜାତୀୟ ମହିଳା ଦିବସ -୨୦୨୬ ଅବସରରେ ଏକ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ସର୍ବେକ୍ଷଣ ସଂପର୍କିତ ଶିକ୍ଷା, ସୂଚନା



ଓ ଯୋଗାଯୋଗ କାର୍ଯ୍ୟକ୍ରମକୁ ଏକ ନିଆରା ଢଙ୍ଗରେ ପାଳନ କରିବା ପାଇଁ ବିଏମ୍‌ସି ପକ୍ଷରୁ ଆୟୋଜିତ 'ସମ୍ପୂର୍ଣ୍ଣା'ର ପ୍ରାତଃ ଅଧିବେଶନରେ ମହିଳା ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ମାଷ୍ଟର କ୍ୟାଣ୍ଟିନ ଛକରୁ ଆରମ୍ଭ ହୋଇଥିବା ଏହି ମହିଳା ଗଣଦୌଡ ବିଏମ୍‌ସି ମୁଖ୍ୟାଳୟଠାରେ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ, ମେୟର ସୁଲୋନଚା ଦାସ, ଡେପୁଟି ମେୟର ମଂଜୁଲତା କହଁର, କମିସନର ଚଞ୍ଚଳ ରାଣା ପ୍ରମୁଖ ଉପସ୍ଥିତ ଥିଲେ।

## ୧୫ ଜଣ ସାମାଜସେବୀଙ୍କୁ 'ପୁଣ୍ୟଉତ୍କଳ' ସମ୍ମାନ



ଭୁବନେଶ୍ୱର, ୮।୩ (ସମିସ): ପୁଣ୍ୟଉତ୍କଳ ମହିଳା ମହାସଂଘ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ରବିବାର ଲୋହିଆ ଏକାଡେମୀ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୬ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୁଣ୍ୟଉତ୍କଳ ଫାଉଣ୍ଡେସନ ସହିତ ଜଡିତ ହୋଇ ନିସ୍ୱାର୍ଥପର ସେବା ପ୍ରଦାନ ନିମନ୍ତେ ରାଜ୍ୟସ୍ତରୀୟ 'ପୁଣ୍ୟଉତ୍କଳ' ସମ୍ମାନରେ ୧୫ ଜଣ ସାମାଜସେବୀ ମାନଙ୍କୁ ସମ୍ମାନୀତ କରାଯାଇଥିଲା। ସଭାର ପ୍ରାରମ୍ଭରେ ପ୍ରତିଯୋଗୀମାନେ 'ସଂସ୍କୃତି ସମ୍ପର୍ଣ୍ଣ ନାରୀ ସମାଜ ଗଠନ କରେ, ସ୍ୱାଧୀନତା ଆଳରେ ଉଗ୍ର ଆଧୁନିକତା ସମାଜକୁ ଅଧୋପତନ ଆଡକୁ ଟାଣିନିଏ, ଶୀର୍ଷକ ବିଷୟରେ ନିଜର ବକ୍ତୃତା ରଖିଥିଲେ । ନାରୀମାନଙ୍କ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଏଥିରେ ପ୍ରଦର୍ଶିତ ହୋଇଥିବା ବେଳେ କବିତା ପାଠ ମଧ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ରମାଦେବୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ଼. ପଦ୍ମଜା ମିଶ୍ର ଉଦଘାଟିକା ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପ୍ରଶାସିକା ଓ କବି ଶୁଭଶ୍ରୀ ନନ୍ଦ ଯୋଗ ଦେଇଥିଲେ। ଶିକ୍ଷାବିତ୍ ତଥା ଜଗନ୍ନାଥ ସଂସ୍କୃତି ଗବେଷିକା ଡକ୍ଟର ପ୍ରତିଭା ମହାରଥୀ ମୁଖ୍ୟବକ୍ତା ଭାବେ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଭାନେତ୍ରୀ ଭାବେ ସଭା ପରିଚାଳନା କରିଥିଲେ ପୁଣ୍ୟଉତ୍କଳ ମହାସଂଘର ସଭାନେତ୍ରୀ ଡ଼. ଲିପିକା ଦାସ। ସାହିତ୍ୟିକା ପ୍ରଫେସର ଡ଼. ବିଷ୍ଣୁପ୍ରିୟା ଓତା ଅଧିବେଶନରେ ସଭାପତିତ୍ୱ କରିଥିଲେ।

## ଆଦିତ୍ୟ ଆଲୁମିନା ରିଫାଇନେରୀ ପକ୍ଷରୁ ମହିଳା ଦିବସ

ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅନ୍ତର୍ଗତ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିନ୍ ଲିମିଟେଡ୍‌ର ଏକ ଇଉନିଟ୍ ଆଦିତ୍ୟ ଆଲୁମିନା ରିଫାଇନେରୀ, କଂସାରିଗୁଡାରେ 'ଗିଭ୍ ଟୁ ଗେନ୍' ଥିମ୍ ଅଧୀନରେ ରବିବାର ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ସ୍ପ୍ରିଣ୍ଟର ଦୂତୀ ଚାନ୍ଦ, ଭାରତୀୟ ସେନାର କର୍ଣ୍ଣେଲ୍ ଶ୍ୱେତା ପ୍ରଭାତୀ ଏବଂ ସାମାଜିକ ନେତୃତ୍ୱ ହିନା ବେଗ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝୀ, ଲକ୍ଷ୍ମୀପୁର ବ୍ଲକ୍ ଅଧକ୍ଷ ସ୍ଲାଇ କୁଲେସିକା, ଜିଲ୍ଲା ପରିଷଦ ସଦସ୍ୟା ପିଙ୍କି ହିମିରିକା ଓ ପୋଡାପାଡ଼ି ସରପଞ୍ଚ ଲୀଳାବତୀ ମାଣ୍ଡିଙ୍ଗା ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ସମୟରେ ଦୂତି ଚାନ୍ଦ, କର୍ଣ୍ଣେଲ୍ ଶ୍ୱେତା ପ୍ରଭାତୀ ଓ ହିନ ବେଗ୍ ନିଜ ଜୀବନ ଯାତ୍ରା ଓ ଅନୁଭବକୁ ମତବ୍ୟକ୍ତ କରିଥିଲେ। ଏବଂ ମହିଳାମାନଙ୍କୁ ନିଜ ଦକ୍ଷତା ଉପରେ ଆସ୍ଥା ରଖିବା ସହିତ ସମସ୍ୟା ସତ୍ତ୍ୱେ ସଫଳତା ପାଇଁ ଅଗ୍ରସର ହେବାକୁ ପ୍ରେରଣା ଦେଇଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଓ ସମୁଦାୟ ସଂଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଅନେକ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆଦିତ୍ୟ ଆଲୁମିନା ରିଫାଇନେରୀ, କଂସାରିଗୁଡାର ଇଉନିଟ୍ ହେଡ୍ ଏବଂ ପ୍ରେସିଡେଣ୍ଟ ମଝର ବେଗ୍ ନିର ମତ ରଖିବା ସହ ସମାଜ ଓ ସଂଗଠନ ଯେତେବେଳେ ମହିଳାମାନଙ୍କ ସଶକ୍ତିକରଣ ପାଇଁ ଅବଦାନ ରଖେ, ସମୁଦାୟ ସମଗ୍ର ଭାବେ ଆହୁରି ସଶକ୍ତ ହୁଏ ବୋଲି କହିଥିଲେ।



## ମହିଳା ଦିବସରେ 'ପରିବାର ପରାମର୍ଶ କେନ୍ଦ୍ର'ର ଉଦ୍‌ଘାଟିତ



ସୋସାଇଟି ଫର ନେଚର, ଏଜୁକେସନ୍ ଆଣ୍ଡ ହେଲ୍ଥ (ସ୍ନେହ) ପକ୍ଷରୁ ରବିବାର ସାଲିଆ ସାହି ବସ୍ତିରେ ଅବସ୍ଥିତ ଏହାର ଦ୍ୱନ୍ଦ ସମାଧାନ ଏବଂ ତାଲିମ କେନ୍ଦ୍ରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ 'ପରିବାର ପରାମର୍ଶ କେନ୍ଦ୍ର'ର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଓଏଫଏସ, ଲେଖିକା, କାନୁନବାଳା ନାୟକ, କବି ସ୍ନେହଲତା ନାୟକ, ସମାଜସେବୀ ଡ. ମମତା ଦାଶ, ୱାର୍ଡ ନମ୍ବର ୧୬ ସମାଜସେବୀ ଅବଧୂତା ସ୍ୱାଇଁ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ପଣ୍ଡା ଯୋଗ ଦେଇଥିଲେ। ଦୁଇ ଶାନ୍ତି କମିଟି ସଦସ୍ୟ ଝରଣା ରାଣା ଏବଂ ଟୁକୁନି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମୁକ୍ତା ଫାଉଣ୍ଡେସନ' ପକ୍ଷରୁ ମହିଳା ଦିବସ

ଗଙ୍ଗନଗର ସ୍ଥିତ ଆସ୍ୱେୟାର୍ ହସ୍ପିଟାଲ୍ସରେ ରବିବାର ମୁକ୍ତା ଫାଉଣ୍ଡେସନ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏହି ଦିବସରେ ହସ୍ପିଟାଲର ସମସ୍ତ ନର୍ସିଙ୍ଗ ଷ୍ଟାଫ୍, ଅନ୍ୟ ମହିଳା କର୍ମଚାରୀ ଏବଂ ସ୍ଥାନୀୟ ଡାକ୍ତର ଯୋଗ ଦେଇଥିଲେ। ବରିଷ୍ଠ ସ୍ତ୍ରୀରୋଗ ପ୍ରସୂତି ବିଭାଗର ଡା. ବନ୍ୟା ଦାସ, ନର୍ସିଂ ସିନିୟର୍ ସୁପରଭାଇଜର ଲୋପାମୁଦ୍ରା ପାତ୍ର, ଆଡମିନିଷ୍ଟ୍ରେସନ ମୁଖ୍ୟ କୌସିକି ପଟ୍ଟନାୟକ, ଯୋଗ ଅଧ୍ୟାପିକା ଜିତା ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିବା ବେଳେ ୬ ଜଣ ସେବିକାଙ୍କୁ ମୁକ୍ତ ଶ୍ରେଷ୍ଠ ସେବିକା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇନବିତ୍, ସମାଜସେବୀ ନମ୍ରତା ଚଢ଼ା ଯୋଗ ଦେଇଥିଲେ। ପ୍ରତିଷ୍ଠାତ୍ରୀ ବନ୍ଦନା ପଣ୍ଡାଙ୍କ ତତ୍ତ୍ୱାବଧାନରେ ମୁକ୍ତା ଫାଉଣ୍ଡେସନର ସହ ପ୍ରତିଷ୍ଠାତ୍ରୀ ଓ ସମ୍ପାଦିକା ସଂଘମିତ୍ରା ପାଢ଼ୀ, ସହ ସଂପାଦିକା ଓ ମୁଖ୍ୟ ସଦସ୍ୟା ଚନ୍ଦନା ତ୍ରିପାଠୀ ନୃତ୍ୟ, ଗୀତ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତାଞ୍ଜଳି ଶତପଥୀ , ଗାୟତ୍ରୀ ଦାସ୍ ସମେତ ବହୁ ପ୍ରତିଷ୍ଠିତ ମହିଳା ଯୋଗ ଦେଇଥିଲେ।




## ଦୃଷ୍ଟିବାଧିତ ମହିଳା ସଂଘ ପକ୍ଷରୁ ମହିଳା ଦିବସ



ଓଡ଼ିଶା ଦୃଷ୍ଟିବାଧିତ ମହିଳା ସଂଘ, ବିନୋବା ସେବା ପ୍ରତିଷ୍ଠାନ ଏବଂ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ମିଳିତ ଉଦ୍ୟମରେ ଅନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ ହୋଇଛି। ସ୍ନେହାଞ୍ଜଳି ମହାନ୍ତିଙ୍କ ପୌରୋହିତ୍ୟରେ ସତ୍ୟନଗର ଆସୋସିଏସନ୍ ଫର୍ ଦି ବ୍ଲାଇଣ୍ଡ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡ. ସେବା ମହାପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ଭିନ୍ନକ୍ଷମ କମିସନର କସ୍ତୁରୀ ମହାପାତ୍ର, ପୂର୍ବତନ ଶିଶୁ କଲ୍ୟାଣ ସଦସ୍ୟା କଳ୍ପନା ଦାସ, ଶିକ୍ଷାବିତ ସୂର୍ଯ୍ୟକାନ୍ତ ପରିଡା, ଅଭିଭାବକ ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ସମାଜସେବା ଆର୍ତତ୍ରାଣ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସଂଗଠନ ର ସମସ୍ତ ନୈକି କାର୍ଯ୍ୟକ୍ରମ ପାଇଁ ଭୁବନେଶ୍ୱରରେ ନିଜସ୍ୱ କାର୍ଯ୍ୟାଳୟ ସକାଶେ ଏକ ସରକାରୀ କ୍ୱାର୍ଟର୍ସ ନିତ୍ୟାନ୍ତ ଆବଶ୍ୟକ ତେଣୁ ବିଧାୟକ ଏଥିପାଇଁ ସମ୍ପୂର୍ଣ ସହଯୋଗ ସକାଶେ ଉପସ୍ଥିତ ସବୁ ସଦସ୍ୟ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ସାମାଜିକ କର୍ମୀ ସୁଦୀପା ସରକାରଙ୍କ ସହଯୋଗରେ ଦୃଷ୍ଟିହୀନ ମହିଳାଙ୍କୁ ଶହେ ଶାଢ଼ି ବଣ୍ଟନ କରାଯାଇଥିଲା। ସଂଗଠନ ଉପ ସଭାପତି ସୁଶ୍ରୀ ସାହୁ, ସମ୍ପାଦିକା ମମତା ମିଶ୍ର, ସାବିତ୍ରୀ ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଭୁବନେଶ୍ୱର ସିଟି

# ଥାନାରେ ପଡ଼ି ପଡ଼ି ଗଜା ହେଲା ୧୮ କ୍ୱିଣ୍ଟାଲ ଧାନ

ଭୁବନେଶ୍ୱର, ୮।୩ (ସମିସ): ଧାନ ଗାଡ଼ି ଜବତ କରି ପୁଲିସ ରଖିଲା। ହେଲେ ଧାନକୁ ସୁରକ୍ଷିତ ରଖାଗଲାନାହିଁ। ଫଳରେ, ଖରା-ବର୍ଷାରେ ପରିଶ୍ରମ କରି ଚାଷୀ ଯେଉଁ ଧାନ ଅମଳ କରିଥିଲା, ତାହା ଗଜା ହୋଇଗଲା। ପୁଲିସର ଏଭଳି ବେପରୁଆ ନୀତିକୁ ବିରୋଧ କରି ଥାନା ଆଗରେ ଧାରଣା ଦେବାକୁ ଚାଷୀ ଉଦ୍ୟମ କରିବା ପରେ ତାଙ୍କୁ ପୁଣି ଏକ ମାମଲାରେ ଫସାଇବାକୁ ଧମକ ଦିଆଗଲା। ଏଭଳି ଅଭିଯୋଗ କରି ଆଜି ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାମାନେ କ୍ୟାପିଟାଲ ଥାନା ପୁଲିସ ବିରୋଧରେ ବର୍ଷିଛନ୍ତି।

ସୂଚନା ଅନୁଯାୟୀ, ଗତ ୧୭ ତାରିଖରେ ଧାନକିଣାରେ ଚରମ ଦୁର୍ନୀତି ହୋଇଥିବା ଅଭିଯୋଗ କରି ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାମାନେ ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ସକାଳ ସାଢ଼େ ୭ଟା ବେଳେ ଏକ ଧାନବସ୍ତା ଭର୍ତ୍ତି ଟ୍ରକ୍ ଆଣି ବିଧାନସଭା ଆଗରେ ଢାଳିବାକୁ ଉଦ୍ୟମ କରିଥିଲେ। ପୁଲିସ ଏହି ସମୟରେ ସଂଗଠନର କର୍ମକର୍ତ୍ତାମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ଉକ୍ତ ଧାନବସ୍ତା ଭର୍ତ୍ତି ଟ୍ରକକୁ ପୁଲିସ ଜବତ କରିଥିଲା। ତେବେ ଏହି ଟ୍ରକ୍‌ରେ ପ୍ରାୟ ୧୮ କ୍ୱିଣ୍ଟାଲ ଧାନ ଥିବା ବେଳେ ଏହାକୁ କ୍ୟାପିଟାଲ ଥାନା ପୁଲିସ ସୁରକ୍ଷିତ ଭାବେ ନ ରଖିବାରୁ ଏହା ଗଜା ହୋଇଯାଇଛି।



ଆବଶ୍ୟକ ଅନୁମତି ସହ ୧୯ ଦିନ ପରେ ଏହି ଧାନକୁ ଆଣିବା ପାଇଁ ଚାଷୀ ଧ୍ରୁବଚରଣ ସାହୁ ଯିବା ବେଳକୁ ଧାନ ଗଜା ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏହାକୁ ନେଇ ସେ ଥାନାରେ ଅସନ୍ତୋଷ ପ୍ରକାଶ କରିବା ସହ ଧାରଣା ଦେବାକୁ ଉଦ୍ୟମ କରିଥିଲେ। ଗଜା ଧାନ ବଦଳରେ ଭଲ ଧାନ, ନଚେତ ଉଚିତ କ୍ଷତିପୂରଣ ଦେବାକୁ ଦାବି କରି ସେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ହେଲେ ସେଠାରୁ ତାଙ୍କୁ ପୁଲିସ ତଡ଼ିଦେବା ସହ ତୁରନ୍ତ ଥାନା ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲା। ନଚେତ ଆଉ ଏକ ମାମଲାରେ ତାଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଥିଲା ବୋଲି ନବନିର୍ମାଣ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୱଲ ଅଲ୍ଲୀ କହିଛନ୍ତି।

**■ ପ୍ରତିବାଦ କରିବାରୁ ଧମକ ଦେଇ ତଡ଼ିଦେଲେ ଥାନାବାବୁ**
**■ କ୍ଷତିପୂରଣ ନ ଦେଲେ ଚରମ ନିଷ୍ପତ୍ତି ଚେତାବନୀ ଦେଲେ ଚାଷୀ**

ସେ କହିଛନ୍ତି, କ୍ୟାପିଟାଲ ଥାନା ପୁଲିସର ଅବହେଳା ପାଇଁ ୧୮ କ୍ୱିଣ୍ଟାଲ ଧାନ ଗଜା ହୋଇଯାଇଛି। ମଣ୍ଡିରେ କଟନିଛଟନି ପ୍ରତିବାଦରେ ଗତ ୧୭ ତାରିଖରେ ନବନିର୍ମାଣ ସଂଗଠନ ନେତୃତ୍ୱରେ ବିଧାନସଭା ଆଗରେ ଧାନ ରଖି ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁଲିସ ବିକ୍ଷୋଭକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅନ୍ୟପଟେ ଧାନ ଗାଡ଼ି ଜବତ କରିଥିଲା। ଗିରଫ ଚାଷୀଙ୍କୁ ଜାମିନ୍ ମିଳିଯାଇଥିଲା। ହେଲେ ଜବତ ହୋଇଥିବା ଧାନକୁ ପୁଲିସ ଚାଷୀଙ୍କୁ ଫେରାଇନଥିଲା। ଶନିବାର କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଧାନ ଗାଡ଼ି ଛାଡ଼ିବାକୁ ପୁଲିସ ବାଧ ହୋଇଥିଲା। ହେଲେ, ପୁଲିସ ବାବୁଙ୍କ ଅବହେଳା ପାଇଁ ଧାନ ବସ୍ତା ବାହାରେ ପଡ଼ିପଡ଼ି ଖରାପ ହୋଇଯାଇଛି। ଧାନ ଗଜା ବସ୍ତା ଫଟେଇ ବାହାରକୁ ବାହାରିଛି। ଆଖି ଆଗରେ କଷ୍ଟ ଅର୍ଜିତ ଧାନ ନଷ୍ଟ ହୋଇଯାଇଥିବା ଦେଖି ଜଗତସିଂହପୁର ଜିଲ୍ଲାର ଚାଷୀ ଧ୍ରୁବଚରଣ ପରିଡ଼ା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ପୁଲିସ କିମ୍ବା ସରକାର କ୍ଷତି ପୂରଣ ନଦେଲେ ସେ ଚରମ ନିଷ୍ପତ୍ତି ନେବେ ବୋଲି କହିଛନ୍ତି।

## ଆରମ୍ଭ ହେଲା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପଞ୍ଜୀକରଣ



ଭୁବନେଶ୍ୱର,୮।୩ (ସମିସ): ସଂଭାବନା ପକ୍ଷରୁ ଆରମ୍ଭ ହୋଇଛି ଓଡ଼ିଆ ମହୋତ୍ସବ ଓ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ପ୍ରକ୍ରିୟା। ଝୋଟି, ମୁରୁଜ, ପିଠା, ପାନଭଙ୍ଗା, ପୁରାଣ ଆବୃତ୍ତି, ପାରମ୍ପରିକ ସଂଗୀତ, ଦଳଗତ ଆଲୋଚନା ଓ ଓଡ଼ିଆଣୀ ବେଶଭୂଷା ଆଦିକୁ ନେଇ ଆୟୋଜିତ ହେଉଥିବା ଏହି ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପାଇଁ ନାମ ପଞ୍ଜୀକରଣ ଏକାମ୍ର ହାଟରେ ଶୁଭାରମ୍ଭ ହୋଇଛି। ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭାରମ୍ଭ କରିଥିବା ବେଳେ କାର୍ଯ୍ୟକ୍ରମର ସଫଳତା ମନାସି ଉପସ୍ଥିତ ଓଡ଼ିଆଣୀ ଓ ସଂଭାବନାର କର୍ମକର୍ତ୍ତା ମାନେ ଜଗନ୍ନାଥଙ୍କ ପ୍ରସାଦ ସେବନ କରିଥିଲେ। ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜା, ଟ୍ରଷ୍ଟି ସ୍ମୃତି ମହାନ୍ତି, ଆଜୀବନ ସଭ୍ୟା ରାଜଶ୍ରୀ ଶତପଥୀ, ବିଭିନ୍ନ ବର୍ଷର ଶ୍ରେଷ୍ଠ ଓଡ଼ିଆଣୀ ସମେତ ଓଡ଼ିଆଣୀ ସମିତିର ସଂପାଦିକା ରେଖା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ସହ ଶିଶୁ କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ। ଚିତ୍ରାଙ୍କନ, ସୁଗମ ସଂଗୀତ, ଓଡ଼ିଶୀ ଓ ଲଘୁନୃତ୍ୟ, ହସ୍ତାକ୍ଷର, ଶ୍ରୁତ ଲିଖନ, ଆବୃତ୍ତି, ବକ୍ତୃତା ଓ ସାଧାରଣ ଜ୍ଞାନ ଆଦିରେ ପାରଦର୍ଶିତା ପ୍ରଦର୍ଶନ ପାଇଁ ୫ରୁ ୧୦ ବର୍ଷ ଓ ୧୧ରୁ ୧୭ ବର୍ଷ ବୟସର ଶିଶୁ ଓ କିଶୋର ପ୍ରତିଯୋଗୀମାନେ ଏଥିରେ ନାମ ପଞ୍ଜୀକରଣ କରି ଅଂଶଗ୍ରହଣ ପାଇଁ ସଂଭାବନା ପକ୍ଷରୁ ସୂଚନା ଦିଆଯାଇଛି।

## 'ମାଛଚାଷକୁ ପ୍ରାଥମିକତା ଦିଆଯାଉ'

ଭୁବନେଶ୍ୱର, ୮।୩(ସମିସ): ବିଶ୍ୱ ମାଛ-ଖାଦ୍ୟ ଚାହିଦା ପୂରଣ କରିବାରେ ମତ୍ସ୍ୟଚାଷର ଅବଦାନ ୫୧ପ୍ରତିଶତ ଥିବା ବେଳେ ପ୍ରାକୃତିକ ଉତ୍ସର ଅବଦାନ



୪୯ପ୍ରତିଶତ ରହିଛି। ଓଡ଼ିଶା ପରିବେଶ ସମିତିର ଅନୁକୁଲ୍ୟରେ 'ପୁଷ୍ଟି ସୁରକ୍ଷା ନିମନ୍ତେ ମାଛଚାଷର ଉପଯୋଗିତା' ବିଷୟବସ୍ତୁ ଉପରେ ଆୟୋଜିତ ଏକ ଆଲୋଚନାଚକ୍ରରେ ବିଶେଷଜ୍ଞମାନେ ଏପରି ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଓଇଏସ୍ ସଭାପତି ସୁନ୍ଦର ନାରାୟଣ ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଭୁବନେଶ୍ୱରସ୍ଥ କେନ୍ଦ୍ରୀୟ ମଧୁରଜଳ ମତ୍ସ୍ୟଚାଷ ପ୍ରତିଷ୍ଠାନ (ସିଫା)ର ମୁଖ୍ୟ ବୈଜ୍ଞାନିକ ଡ. ଜିତେନ୍ଦ୍ର କୁମାର ସୁନ୍ଦରାୟ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଜଳବାୟୁ ପରିବର୍ତ୍ତନ, ଜଳ ତାପମାତ୍ରାର ବୃଦ୍ଧି, ସମୁଦ୍ର ଅମ୍ଳୀକରଣ ଏବଂ ଅସହ୍ୟ ପାଣିପାଗ ଦ୍ୱାରା ଜଳୀୟଚାଷକୁ ବିପଦରେ ପକାଇଛି, ଯାହା ଫଳରେ ଉତ୍ପାଦନ ହ୍ରାସ, ରୋଗର ପ୍ରାଦୁର୍ଭାବରେ ବୃଦ୍ଧି ଏବଂ ଅମ୍ଳଜାନ ସ୍ତର ହ୍ରାସ ପାଇଛି ବୋଲି ମତବ୍ୟକ୍ତ କରିଥିଲେ। ଓଇଏସ୍ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ, ସଂଯୋଜକ ପ୍ର. ସିଏସ୍‌କେ ମିଶ୍ର ଅତିଥି ପରିଚୟ ପ୍ରଦାନ ଏବଂ ଉପ-ସଭାପତି ଡ. ଲାଲା ଏକେ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ବିଜୟ କେତନ ପଟ୍ଟନାୟକ, ଡ. ସୁଧାକର କର, ଡ. ରେଖା ଦାସ ପ୍ରମୁଖ ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନର ବହୁ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ।

## 'ସାହିତ୍ୟର ରକ୍ଷକଙ୍କୁ ସାହିତ୍ୟ ରକ୍ଷା କରେ'



ଡ. ହରିପଦ ଶତପଥୀଙ୍କ ପୁସ୍ତକ ଲୋକାର୍ପଣ ସମାରୋହ

ଭୁବନେଶ୍ୱର,୮।୩ (ସମିସ): ସାହିତ୍ୟିକ ତଥା ପୂର୍ବତନ ପ୍ରଶାସକ ଡ. ହରିପଦ ଶତପଥୀଙ୍କ ପୁସ୍ତକ ଲୋକାର୍ପଣ ସମାରୋହ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଛି। ଯେଉଁଥିରେ ତାଙ୍କର ତିନୋଟି ପୁସ୍ତକ ଯଥା - ଓଡ଼ିଆ ପୁସ୍ତକ 'ଶରଶଯ୍ୟା', 'ବନହଂଶୀ' ଏବଂ ଇଂରାଜୀ ପୁସ୍ତକ 'ଇଭୋଲ୍ୟୁସନ ଅଫ ଶକ୍ତି କଲ୍ଟ ଆଟ ଏକାମ୍ରକ୍ଷେତ୍ର' ଲୋକାର୍ପିତ ହୋଇଛି। ସଭାରେ ଶିକ୍ଷାବିତ ତଥା ସାହିତ୍ୟିକ ବିଶ୍ୱରଞ୍ଜନ ସଭାପତିତ୍ୱ କରିଥିବାବେଳେ ବି.କେ ପବ୍ଲିକେସନର ପ୍ରକାଶକ ବିଜୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉନ୍ମୋଚନ ସମାରୋହରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ କହିଛନ୍ତି, ପୁରାଣ ଏବଂ ବିଜ୍ଞାନ ଦୁଇଟି ଯାକ ସର୍ବଶ୍ରେଷ୍ଠ ଜ୍ଞାନର କେନ୍ଦ୍ର ପାଲଟିଛି। ଯାହା ପ୍ରତି ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟସ୍ତରରେ ଆଲୋଚନା ହେବା ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି କହିଛନ୍ତି ଆପଣ ଯାହାକୁ ରହସ୍ୟ ବୋଲି ଭାବୁଛନ୍ତି ତାହାରି ଭିତରେ ହିଁ ସତ୍ୟ ଲୁଚିକି ରହିଛି। ଶ୍ରୀ ଶତପଥୀଙ୍କ ଶରଶଯ୍ୟା ପୁସ୍ତକ ମହାଭାରତର ଏକ ଅଂଶ। ଏହା ସହିତ ପୁରାଣ ଆଧୁନିକ ସାହିତ୍ୟରେ କିପରି ଭାବରେ ଲେଖା ହବା ଉଚିତ, ସେ ସମ୍ପର୍କରେ ଭାରତ ସରକାର ଏକ ନିୟମ ଅବଲମ୍ବନ କରିବା ଉଚିତ ବୋଲି ସେ ମତ ପ୍ରକାଶ କରିଛନ୍ତି। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଚଳଚିତ୍ର ଅଭିନେତା ତଥା ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ, ରାଜନୀତିଜ୍ଞ ତଥା ସାହିତ୍ୟିକ ପଞ୍ଚାନନ କାନୁନଗୋ ଯୋଗ ଦେଇଥିଲେ। ସେହିପରି ନିଜ ଲେଖକୀୟ ଅଭିବ୍ୟକ୍ତିରେ ଡ. ହରିପଦ ଶତପଥୀ କହିଛନ୍ତି, ଯେଉଁ ଜାତି ସାହିତ୍ୟକୁ ରକ୍ଷା କରେ, ସାହିତ୍ୟ ସେହି ଜାତିକୁ ରକ୍ଷା କରେ। ବିଶ୍ୱ ଇତିହାସ ଏହାର ସାକ୍ଷୀ। କିନ୍ତୁ ଆଜିର ବିଡ଼ମ୍ବନା ଓ ବିସ୍ମୟ ହେଉଛି ସାହିତ୍ୟିକଙ୍କ ତୁଳନାରେ ପାଠକଙ୍କ ସଂଖ୍ୟା ହ୍ରାସ ପାଉଛି। କାରଣ ସୁସାହିତ୍ୟ ସୃଷ୍ଟି ହୋଇପାରୁନାହିଁ। ତେଣୁ ସୁସାହିତ୍ୟ ସୃଷ୍ଟି ଦିଗରେ ସାହିତ୍ୟିକମାନେ ଉଦ୍ୟମ କରିବା ଆବଶ୍ୟକ। ଏହା ହିଁ କାଳର ଆହ୍ୱାନ ବୋଲି କହିଥିଲେ। ଏହି ଅବସରରେ ଶ୍ରୀ ଶତପଥୀଙ୍କ ଲିଖିତ ପୁସ୍ତକଗୁଡ଼ିକ ଗୀତଗୋବିନ୍ଦ ସଦନ ପରିସର ମଧ୍ୟରେ ପ୍ରଦର୍ଶିତ ହୋଇଥିଲା। ଶେଷରେ ଡ଼. ରଂଜନ କୁମାର ରଥ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଶ୍ରୀଜଗନ୍ନାଥ ସ୍କନ୍ଦପୁରାଣ ଲୋକାର୍ପିତ



ଭୁବନେଶ୍ୱର, ୮।୩(ସମିସ): ସ୍ନାତକ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ମହର୍ଷି ବେଦବ୍ୟାସ ବିରଚିତ ସ୍କନ୍ଦପୁରାଣ ଅନ୍ତର୍ଗତ 'ଶ୍ରୀଜଗନ୍ନାଥ' ପୁସ୍ତକର ସଂକଳନ ଲୋକାର୍ପିତ ହୋଇଛି। ଭୁବନେଶ୍ୱରସ୍ଥିତ ଆର୍‌ସିଏମ୍ ଆଧ୍ୟାତ୍ମିକ ବିଶ୍ୱବିଦ୍ୟାପୀଠ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଧ୍ୟାତ୍ମିକ ବିଶ୍ୱବିଦ୍ୟାଳୟର ଚେୟାରମ୍ୟାନ୍ ଡକ୍ଟର ପ୍ରବୀର କୁମାର ପାଲ୍ ଏବଂ ମୁଖ୍ୟବକ୍ତା ଭାବେ ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ ଓ କୁଳଗୁରୁ ହରେକୃଷ୍ଣ ଶତପଥୀ ଯୋଗଦେଇଥିଲେ। ପ୍ରଫେସର ହରେକୃଷ୍ଣ ଶତପଥୀ, ଡକ୍ଟର ସୀମାଚଳ ପଣ୍ଡା ଏବଂ ଡକ୍ଟର ଶ୍ୱେତପଦ୍ମା ଶତପଥୀଙ୍କ ଦ୍ୱାରା ମିଳିତ ଭାବରେ ସଂପାଦିତ ଉକ୍ତ ପୁସ୍ତକ ସମ୍ପର୍କରେ ଡକ୍ଟର କରୁଣାକର ପ୍ରଧାନ, ପ୍ରଫେସର ସଚ୍ଚିଦାନନ୍ଦ ମହାପାତ୍ର, ପ୍ରଫେସର ଦୁଃଶାସନ ଓଝା, ଡକ୍ଟର ରାଧେଶ୍ୟାମ ପଣ୍ଡା, ଡକ୍ଟର ଶରତ କୁମାର ଲେଙ୍କା, ଡକ୍ଟର ସୂର୍ଯ୍ୟକାନ୍ତ ବେହେରା ଓ ଡକ୍ଟର ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଆଲୋଚନା କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଅଧ୍ୟାପନା ଦ୍ୱାରା ଭାରତୀୟ ଆଧ୍ୟାତ୍ମିକ ଓ ବୌଦ୍ଧିକ ପରମ୍ପରାର ପ୍ରଚାର ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଭାରତୀୟ ଜ୍ଞାନ ପରମ୍ପରା ବିଷୟରେ ଭାରତ ବର୍ଷର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହାୟତାରେ ଆର୍‌ସିଏମ୍ ବିଶ୍ୱବିଦ୍ୟାପୀଠ ପକ୍ଷରୁ ବିଧିବଦ୍ଧ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ଆସନ୍ତା ଶିକ୍ଷାବର୍ଷରୁ ପ୍ରଦାନ କରାଯିବ ବୋଲି ଡକ୍ଟର ପାଲ ଘୋଷଣା କରିଥିଲେ।

## ଚଉଷଠୀ ଯୋଗିନୀ ପୀଠରେ ରକ୍ତଦାନ ଶିବିର

ବାଲିଅନ୍ତା,୮।୩(ସମିସ): ବାଲିଅନ୍ତା ବ୍ଲକ ଅଧୀନ ହୀରାପୁର ଚଉଷଠୀ ଯୋଗିନୀ ପୀଠ ପରିସର ଅତିଥି ଭବନ ସଭାକକ୍ଷରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶିବିରରୁ ମୋଟ ୨୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।



ବାଲିଅନ୍ତା ତହସିଲଦାର ଲିଳନ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ପ୍ରେସକ୍ଲବ ସଭାପତି ସୋମନାଥ ସ୍ୱାଇଁ, ସମାଜସେବୀ ରାଜେଶ କୁମାର ନାୟକ, ଡ. ରୀନା ରାଉତରାୟ, ସଚ୍ଚିକାନ୍ତ ପ୍ରଧାନ, ଉମାଦେଇ ବ୍ରହ୍ମପୁର ପୂର୍ବତନ ସରପଞ୍ଚ ସୁକାନ୍ତ କୁମାର ସାହୁ ଏବଂ ରବିନ୍ଦ୍ର ନାଥ ନାୟକ ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଏମସି ହସ୍ପିଟାଲ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ସ୍ୱେଚ୍ଛାସେବୀ ଗୋଲେକ ବେହେରା, ସାମ୍ବାଦିକ ଦିବାକର ଷଡ଼ଙ୍ଗୀ, ଭଗବାନ ନାୟକ, ସ୍ୱର୍ଣ୍ଣଲତା ନାୟକ, ଚିନ୍ମୟୀ ପାଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶୈଳବାଳା ଫାଉଣ୍ଡେସନର ନିର୍ଦ୍ଦେଶିକା ବେବି ନାୟକ ଓ ନିରଞ୍ଜନ ସେନାପତି ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ଣରେ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଶୈଳବାଳା ଫାଉଣ୍ଡେସନ ତରଫରୁ ଚଉଷଠୀ ଯୋଗିନୀ ପୀଠ ପରିସରରେ ଝୋଟି, ମ୍ୟୁଜିକ ଚେୟାର, କୁଇଜ ଓ ଶ୍ରେଷ୍ଠ ଓଡିଆଣୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମହିଳା କମିସନ ଅଧ୍ୟକ୍ଷା ଡ. ଲୋପାମୁଦ୍ରା ମହାନ୍ତି, ପ୍ରଫେସର ଦ୍ୟୁତିଶିଖା ମହାନ୍ତି, ଉତ୍କଳ ବିଶ୍ୱ ବିଦ୍ୟାଳୟ, ବିଜୟିନୀ ମହାନ୍ତି, ବରିଷ୍ଠ ସାମ୍ବାଦିକା ସୁପ୍ରଭା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ ଅର୍ଜନ କରିଥିବା ୧୬ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ପିସ୍ ଲିଲି ପ୍ରି-ସ୍କୁଲର ବାର୍ଷିକ ଉତ୍ସବ




ଭୁବନେଶ୍ୱର,୮।୩ (ସମିସ): ଗୁରୁ କେଳୁଚରଣ ମହାପାତ୍ର ନୃତ୍ୟ ଗବେଷଣା କେନ୍ଦ୍ରଠାରେ ପିସ୍ ଲିଲି ପ୍ରି-ସ୍କୁଲର ଡେ-କେୟାରର ତୃତୀୟ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଂଯୋଜିକା ଆଦ୍ୟାଶାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଭିନେତ୍ରୀ ତଥା କଳାକାର ପୁଷ୍ପା ପଣ୍ଡା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସର୍ଜନ ଡା. ଜିତେନ୍ଦ୍ର ସାହୁ, ବିଶିଷ୍ଟ ଅତିଥି ଭାବେ ଓଡିଶାର ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଉପସ୍ଥିତ ରହିବା ସହିତ ବିଦ୍ୟାଳୟର ସାମାଜିକ ଦାୟିତ୍ୱ, ପାଠପଢ଼ା ସହିତ ଆଜିର ବିଦ୍ୟାର୍ଥୀମାନେ ପୁଜ୍ୟପୂଜା ଓ ଗୁରୁ ପରମ୍ପରାକୁ ଆଧାର କରି କିପରି ଜଣେ ଉତ୍ତମ ନାଗରିକ ହୋଇପାରିବେ ତାହା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଦିପ୍ତିମୟୀ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱାଗତ ନୃତ୍ୟ ଆଦ୍ୟାଶା ମେକାପ୍ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ନୃତ୍ୟ, ସଙ୍ଗୀତ, ପାଠପଢ଼ାଇତ୍ୟାଦି ପାଇଁବିଦ୍ୟାର୍ଥୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ବାଲ୍ୟ ବିବାହ ସଚେତନତା ଶୋଭାଯାତ୍ରା



ଭୁବନେଶ୍ୱର,୮।୩ (ସମିସ): ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବାଲ୍ୟ ବିବାହକୁ ବିରୋଧ କରି ଭୁବନେଶ୍ୱରର ଭରତପୁର ଅଞ୍ଚଳର ପ୍ରାୟ ୨୦୦ ରୁ ଅଧିକ ମହିଳା ନେତ୍ରୀ ଏକତ୍ରିତ ହୋଇ ବାଲ୍ୟ ବିବାହ ମୁକ୍ତ ଭାରତ ପାଇଁ ଶପଥ ପାଠ ସହିତ ଏକ କ୍ୟାଣ୍ଡଲ ଶୋଭାଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ରୋକିଥିବା ଏକ ଝିଅ ଏବଂ ଅଞ୍ଚଳରେ ଥିବା ମନ୍ଦିରର ପୁଜକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମହାନିଗର ନିଗମର ଡେପୁଟି ମେୟର ମଞ୍ଜୁଲତା କହଁର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ମୁକ୍ତ ରଥ ସହିତ ମହିଳା ନେତ୍ରୀମାନେ ଘର ଘର ବୁଲି ଲୋକ ମାନଙ୍କୁ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ପାଇଁ ସଚେତନତାର ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରୁଥିଲେ ରୁଚିକା ସଙ୍ଗଠନର ଜିଲ୍ଲା ସଂଯୋଜିକା ଶିବାନୀ ନାୟକ, ହରପ୍ରିୟା ପତି, ରୀଙ୍କିନା ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ବାରିକ, ଘନଶ୍ୟାମ ଭୋଇ ଓ ଅଜୟ କୁମାର ମହାରଣା।

## ଦଶହରାରେ ଆସିବ 'ମୋନଷ୍ଟର: ଦ ଅଲଟିମେଟ୍'



ଭୁବନେଶ୍ୱର,୮।୩ (ସମିସ): ତିନି କୋଟି ଟଙ୍କାରୁ ଅଧିକ ବଜେଟ୍‌ରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ମୋନଷ୍ଟର : ଦ ଅଲଟିମେଟ୍'। ପ୍ରଥମଥର ପାଇଁ ଓଡ଼ିଆ ସିନେମାରେ ଦର୍ଶକମାନେ ଦେଖିବେ ରୋବୋଟିକ୍ ଆର୍ମ ମେସିନ୍‌ର ବ୍ୟବହାର। ଗୋପୀନାଥ ମୋସନ୍ ପିକଚର୍ସ ନିବେଦିତ ଏହି ଆକ୍ସନ୍ ଫିଲ୍ମ "ମୋନଷ୍ଟର : ଦ ଅଲଟିମେଟ୍" ଆସନ୍ତା ଦଶହରା ଅବସରରେ ମୁକ୍ତିଲାଭ କରିବାକୁଯାଉଛି। ଅଭିନେତା ଆଦିତ୍ୟ ଏହି ସିନେମା ମାଧ୍ୟମରେ ପୁଣିଥରେ ଓଲିଉଡ୍‌କୁ ଫେରୁଛନ୍ତି।

## ଲାୟନ୍ସ କ୍ଲବ୍ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୮।୩(ସମିସ): 'ୱି ସର୍ଭ' ମନ୍ତ୍ରକୁ ସାର୍ଥକ କରିବା ଉଦ୍ଦେଶ୍ୟରେ ଲାୟନ୍ସ କ୍ଲବ ଭୁବନେଶ୍ୱର ନୂଆପଲ୍ଲୀ ପକ୍ଷରୁ ରବିବାର ମଞ୍ଚେଶ୍ୱରସ୍ଥିତ ଏଆଇଇବିଏଠାରେ ଏକ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ମଞ୍ଚେଶ୍ୱର ଏବଂ ରସୁଲଗଡ଼ ଶିଳ୍ପାଞ୍ଚଳର



୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ଚକ୍ଷୁ ପରୀକ୍ଷା, ରକ୍ତରେ ସୁଗାର ପରୀକ୍ଷା, ରକ୍ତ.ପ ପରୀକ୍ଷା ସହିତ ଡାଏଟିସିଆନ ଓ ନ୍ୟୁଟ୍ରିସନିଷ୍ଟଙ୍କ ପରାମର୍ଶ ମଧ୍ୟ ଦିଆଯାଇଥିଲା। ଏହି ଶିବିରରେ ପୁଲ୍ମୋନୋଲୋଜିଷ୍ଟ ଡା. ପ୍ରଜ୍ଞାଶ୍ରୀ ପ୍ରିୟଦର୍ଶିନୀ ଏବଂ ପଦ୍ମା ହସ୍ପିଟାଲର ସ୍ଥାପକ ଡା ବି ଏନ୍ ପଟ୍ଟନାୟକଙ୍କ ସହ ଅନ୍ୟାନ୍ୟ ଚିକିତ୍ସକମାନେ ଉପସ୍ଥିତ ଥିଲେ। ଏଥିସହ ଏଆଇଇବିଏର ସଚିବ ସଞ୍ଜୀବ ମହାପାତ୍ର ସହଯୋଗ କରିଥିଲେ। ଏହି ଶିବିରକୁ ବ୍ରେଥ୍ ଫ୍ରି, ଚେଷ୍ଟ କ୍ଲିନିକ୍, ଡ ମୋହନ ଡ଼ାଇବେଟିସ୍ ସ୍ପେଶାଲିଷ୍ଟ ସେଣ୍ଟର ଓ ଡ. ଅଗ୍ରୱାଲ ଆଇ ହସ୍ପିଟାଲର ଡାକ୍ତର, ପାରାମେଡ଼ିକାଲ ଷ୍ଟାଫ ଏବଂ ମେଡ଼ିକାଲ ସୁପରଭାଇଜରମାନେ ସହଯୋଗ କରିଥିଲେ। ଲାୟନ୍ସ କ୍ଲବର ବରିଷ୍ଠ ସଦସ୍ୟ ଏକେ ଶାରଦା ଓ କୁନାଲ କିଶୋର ଦାସ ଏହି ସ୍ୱାସ୍ଥ୍ୟ ଶିବିରକୁ ସ୍ପନସର କରିଥିଲେ ଏବଂ ଉପସ୍ଥିତ ଲୋକମାନଙ୍କ ପାଇଁ ପାନୀୟ ଜଳ, ଇଲେକ୍ଟ୍ରି ଲାଇଟ ଓ ବିସ୍କୁଟ ବିତରଣର ବ୍ୟବସ୍ଥା କରିଥିଲେ। କ୍ଲବର ଅଧ୍ୟକ୍ଷ ଲାୟନ ସୁବ୍ରତ ଶତପଥୀ ଏବଂ ବରିଷ୍ଠ ସଦସ୍ୟ ଡା. ଅକ୍ଷୟ ଖଣ୍ଡେଲୱାଲ ଓ ମିର୍ଜା ଜୈନୁଲ ବେଗ ଧନ୍ୟବାଦ ଜଣାଇଥିଲେ। କ୍ଲବ ଆଗାମୀ ଦିନରେ ମଧ୍ୟ ସମାଜସେବା, ନେତୃତ୍ୱ ଓ ସମୁଦାୟ ଉନ୍ନୟନ କ୍ଷେତ୍ରରେ ଏଭଳି କାର୍ଯ୍ୟକ୍ରମକୁ ଜାରି ରଖିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀର ସଚିବ ଲାୟନ ପ୍ରତୀକ ମହାପାତ୍ର ସୂଚନା ଦେଇଛନ୍ତି।

## ୧୮ରେ ପାଚିକାଙ୍କ ବିଧାନସଭା ଘେରାଉ

ଭୁବନେଶ୍ୱର, ୮।୩(ସମିସ): ବିଜୁ ଶ୍ରମିକ ସାମ୍ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍ ୬ଠାରେ ରବିବାର 'ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ରାଜ୍ୟ ସଂଘ' ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବିଜୁ ଶ୍ରମିକ ସାମ୍ମୁଖ୍ୟର ମହାସଚିବ ସୁବାସ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଚିକା ମାଆମାନଙ୍କର ୭ ଦଫା ଦାବି ବିଶେଷ କରି ଦୀର୍ଘ ୩୦ ବର୍ଷ ପାଖାପାଖି କାର୍ଯ୍ୟକରି ଆସୁଥିବା ପାଚିକା ମାଆମାନଙ୍କର ନିଯୁକ୍ତିପତ୍ର, ସରକାର ସର୍ବନିମ୍ନ ମଜୁରି ୪.୬୨ ଟଙ୍କା ପାଚିକା ମାଆମାନଙ୍କୁ ପ୍ରଦାନ କରିବା ପରିପ୍ରେକ୍ଷୀରେ ମାସିକ ୧୩୮୬୦ ଟଙ୍କା ପ୍ରଦାନ, ସ୍କୁଲ୍ ମ୍ୟାନେଜମେଣ୍ଟ କମିଟି ପଚିକାଙ୍କ ନିଯୁକ୍ତି ଏବଂ ଅବସର କଥାକୁ ବିଚାର କରୁଥିବା ବେଳେ ଉକ୍ତ କ୍ଷେତ୍ରରେ ସରକାର ନିଜେ ଅନ୍ତର୍ଭୁକ୍ତ ରହିବା, ପରିବାରର ଜଣଙ୍କୁ ଭଲ କ୍ଷେତ୍ରରେ ପୁନଃ ଥଇଥାନ ସହ ଅବସରକାଳୀନ ଭତ୍ତା ସ୍ୱରୂପ ୧ ଲକ୍ଷ ଟଙ୍କା ପ୍ରଦାନ, ପାରିଶ୍ରମିକ ମାସର ପ୍ରଥମ ସପ୍ତାହ ମିଳିବା,




୧୦ମାସର ଦରମା ପରିବର୍ତ୍ତନ କରି ୧୨ମାସର ଦରମା ପ୍ରଦାନ, କାର୍ଯ୍ୟକ୍ଷେତ୍ରର ବୈଧ ପରିଚୟ ପତ୍ର ପ୍ରଦାନ କରିବା ସହ ସରକାର ଏହି ଦାବୀ ଗୁଡ଼ିକୁ ୭ ଦିନ ଭିତରେ ପୂରଣ କରିବା ପାଇଁ ଶ୍ରୀ ସିଂହ ଅନୁରୋଧ କରିଥିଲେ। ତତ୍‌ସହିତ ଏହି ସମସ୍ତ ବିସ୍ତୃତ ଆଲୋଚନାକୁ ସଫଳ କରିବା ପାଇଁ ବିଜୁ ଶ୍ରମିକ ସାମ୍ମୁଖ୍ୟର ମହାସଚିବ ସୁଭାଷ ସିଂ ଉପସ୍ଥିତ ରହି ଦିଗ୍‌ଦର୍ଶନ ଦେଇଥିଲେ। ଯଦି ସରକାର ୭ ଦିନ ଭିତରେ ଏହି ଦାବୀ ଗୁଡ଼ିକ ପୂରଣ ନ କରନ୍ତି ତେବେ ଆସନ୍ତା ୧୮ ତାରିଖ ଦିନ ବିଧାନସଭାକୁ ମହାସଂଘ ପକ୍ଷରୁ ଘେରାଓ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସଭାରେ ସଂଘର ସାଧାରଣ ସମ୍ପାଦିକା ସୁମିତ୍ରା ରଥ, ସାଧାରଣ ସମ୍ପାଦିକା ଦୀପାଞ୍ଜଳି ଯାଦବ, ମୁଖ୍ୟ ସଂଯୋଜକ ପ୍ରଦୀପ ନାୟକ, ନିରଞ୍ଜନ ପାତ୍ର, ଉପସଭାନେତ୍ରୀ ଶାନ୍ତି ଲୋହରା, ଗାୟତ୍ରୀ ମହାରଣା, କୋଷାଧ୍ୟକ୍ଷ ସନ୍ଧ୍ୟାରାଣୀ ସ୍ୱାଇଁ, ମଞ୍ଜୁଲତା ପଣ୍ଡା, ଗୌରୀ ସ୍ୱାଇଁ ପ୍ରମୁଖଙ୍କ ସହ ରାଜ୍ୟର ସମସ୍ତ ଜିଲ୍ଲା ସଭାନେତ୍ରୀ, ବ୍ଲକ ସଭାନେତ୍ରୀ, ରାଜ୍ୟ ସମ୍ପାଦକ ଜଗନ୍ନାଥ ମୁଦୁଲି, ବିଜୟ ରଥ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।








# ଟିମ୍ ଇଣ୍ଡିଆକୁ ଶୁଭେଚ୍ଛାର ସୁଅ

ନ୍ୟୁଜିଲାଣ୍ଡକୁ ରେକର୍ଡ ୯୬ ରନରେ ପରାସ୍ତ କରି ତୃତୀୟଥର ବିଶ୍ୱ ଚାମ୍ପିଅନ ହୋଇଥିବା ଭାରତୀୟ ଦଳକୁ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର, ବିରାଟ କୋହଲି, ସୌରଭ ଗାଙ୍ଗୁଲି, ଯୁବରାଜ ସିଂହ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ପ୍ରମୁଖ ଭାରତୀୟ ଦଳକୁ ଏହି ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। 'ଭାରତୀୟ ମହିଳା ଓ ୧୯ ବର୍ଷରୁ କମ୍ ଦଳ ପରେ ବର୍ତ୍ତମାନ ପୁରୁଷ ଦଳ ଟି-୨୦ ବିଶ୍ୱ ଚାମ୍ପିଅନ ହୋଇଛି' ବୋଲି ଗାଙ୍ଗୁଲି କହିଛନ୍ତି। 'ଭାରତର ଏହି ଚମତ୍କାର ବିଜୟ ପ୍ରତ୍ୟେକ ଭାରତୀୟଙ୍କ ହୃଦୟକୁ ଅତ୍ୟନ୍ତ ଗର୍ବ ଓ ଆନନ୍ଦରେ ଭରି ଦେଇଛି' ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି। ସେହିଭଳି ନବୀନ ତାଙ୍କ କହିଛନ୍ତି ଯେ ତୃତୀୟଥର ପାଇଁ ଟ୍ରଫି ଜିତିଥିବା ଭାରତୀୟ ଦଳକୁ ଲାଗି ଅଭିନନ୍ଦନ। ଏହା କେବଳ ଦଳର ପ୍ରତିଭାର ନୁହେଁ ବରଂ ଚରିତ୍ର ଓ ପ୍ରତିବଦ୍ଧତାକୁ ଦର୍ଶାଉଛି। ବିଭିନ୍ନ କ୍ରୀଡ଼ାର ଅନ୍ୟ ପିଢ଼ିର କ୍ରୀଡ଼ାବିତଙ୍କୁ ଏହା ପ୍ରେରଣା ଯୋଗାଇବ। ଭବିଷ୍ୟତରେ ଆହୁରି ଭଲ ପ୍ରଦର୍ଶନ ପାଇଁ ଶୁଭକାମନା' ବୋଲି ନବୀନ କହିଛନ୍ତି।
















## ପୁରସ୍କାର ତାଲିକା

ଚାମ୍ପିଅନ : ଭାରତ- ୨୭.୫୮ କୋଟି
ରନର୍ସଅପ୍ : ନ୍ୟୁଜିଲାଣ୍ଡ- ୧୪.୭୧ କୋଟି
ସେମିଫାଇନାଲ ପରାଜିତ ଦଳ : ୭.୨୪ କୋଟି
ସୁପର-୮ରୁ ବିଦାୟୀ ଦଳ : ୩.୪୮ କୋଟି
ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟୀ ଦଳ : ୨.୨୯ କୋଟି
ଫାଇନାଲର ଶ୍ରେଷ୍ଠ : ଯଶପ୍ରୀତ୍ ବୁମରା
ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ: ସଞ୍ଜୁ ସାମସନ
ଟୁର୍ଣ୍ଣାମେଣ୍ଟର ସର୍ବାଧିକ ରନ୍ : ଫର୍ହାନ୍-୩୮୩
ସର୍ବାଧିକ ୱିକେଟ : ବୁମରା ଓ ବରୁଣ -୧୪ଟି ଲେଖାଏଁ



